## ସଂକ୍ଷେପରେ

### ବଧୂହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

**ବାସୁଦେବପୁର, ୨୪।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଡୁଁଆ ଗ୍ରାମରେ ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗରେ ପୋଲିସ ମୃତା ମହିଳାଙ୍କ ସ୍ୱାମୀ ରବୀନ୍ଦ୍ର ସାନ୍ତରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ୪ ବର୍ଷ ତଳେ ନରସିଂହପୁର ଅଞ୍ଚଳର ହରେକୃଷ୍ଣ ସାହୁଙ୍କ କନ୍ୟା ପଙ୍କଜିନୀ(୨୫) ପଡୁଆଁ ଗ୍ରାମର ରବୀନ୍ଦ୍ରଙ୍କୁ ବିବାହ କରିଥିଲେ। ଗତ ୧୫ ତାରିଖରେ ପଙ୍କଜିନୀଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଅଧିକ ଯୌତୁକ ପାଇଁ ରବୀନ୍ଦ୍ରଙ୍କ ପରିବାର ଲୋକ ପଙ୍କଜିନୀଙ୍କୁ ନିର୍ଯାତନା ଦେଇ ମାରିଦେଇଥିବା ତାଙ୍କ ବାପା ହରେକୃଷ୍ଣ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୩୫୨/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଆଇଆଇସି ମଧୁମିତା ମହାନ୍ତି ଚଢ଼ାଉ କରି ମୃତା ପଙ୍କଜିନୀଙ୍କ ସ୍ୱାମୀ ରବୀନ୍ଦ୍ରଙ୍କୁ ଗିରଫ କରିଥିଲେ।

### ଚୋରା ସ୍କ୍ରାପ ବୋଝେଇ ଟ୍ରକ ଜବତ

**ବାସୁଦେବପୁର, ୨୪।୧୧(ଡି.ଏନ.ଏ.):** ବାସୁଦେବପୁର-ଧାମରା ରାସ୍ତାର ପାରାଛକ ନିକଟରୁ ଶନିବାର ରାତିରେ ସ୍ଥାନୀୟ ପୋଲିସ ଚୋରା ସ୍କ୍ରାପ ବୋଝେଇ ଏକ ଟ୍ରକ ଜବତ କରିଛି। ବାସୁଦେବପୁର ଥାନା ପୋଲିସ ପାଟ୍ରୋଲିଂ ସମୟରେ ଚଢ଼ାଉ କରି ଏହି ଗାଡ଼ିକୁ ଧରିଥିଲା। ପୋଲିସ ଗାଡ଼ିକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏହି ଗାଡ଼ିରେ ଧାମରା ଓ ବାସୁଦେବପୁର ଅଞ୍ଚଳର କେତେକ ସ୍ଥାନର ଚୋରା ଲୁହା ସାମଗ୍ରୀ ଥିବା ଜଣାପଡ଼ିଛି।

### କବାଟ ଭାଙ୍ଗି ଘରୁ ଚୋରି

**ବନ୍ତ, ୨୪।୧୧ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ବିଟିପୁର ଗ୍ରାମର ପ୍ରତିଭା ରାୟ ନାମ୍ନୀ ଜଣେ ମହିଳାଙ୍କ ଘର କବାଟ ଭାଙ୍ଗି ଚୋରି ହୋଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଆଗରପଡ଼ା ଥାନା ପୋଲିସ ଏ ନେଇ ଏକ ମାମଲା(ନଂ.୧୪୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ପ୍ରତିଭା ତାଙ୍କ ମଝିଆ ପୁଅଙ୍କର ବିବାହ ଉତ୍ସବରେ ଯୋଗଦେବା ପାଇଁ ପରିବାର ସହିତ ଗତ ୧୬ ତାରିଖରେ ରାଜସ୍ଥାନର ଅଲୱାର ଯାଇଥିଲେ। ଶନିବାର ପରିବାର ଲୋକେ ଆସି ପହଞ୍ଚି ଗେଟ୍ ତାଲା ଠିକ୍ଠାକ୍ ଥିବାବେଳେ ଘରର କବାଟ ଓ ଆଲମାରି ଭଙ୍ଗାଯାଇଥିବା ଦେଖିଥିଲେ। ସେମାନଙ୍କ ଅନୁପସ୍ଥିତିରେ ଘରୁ ଦୁର୍ବୃତ୍ତମାନେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଲଙ୍କାର, ବାହାଘର ପାଇଁ କିଣାଯାଇଥିବା ୯୦ ହଜାର ଟଙ୍କାର ନୂଆ ଲୁଗାପଟା, ଲାପ୍ଟପ ସହ ନଗଦ ୬୭ ହଜାର ଟଙ୍କା ଚୋରି କରି ନେଇଥିବା ପ୍ରତିଭା ଦର୍ଶାଇଛନ୍ତି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

# ଆରଡ଼ି ପୀଠକୁ ପଲିଥିନ ମନା

**ଆରଡ଼ି,୨୪।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିସରକୁ ସୋମବାରଠାରୁ ପଲିଥିନ ଓ ପ୍ଲାଷ୍ଟିକ ଜାତୀୟ ଉପକରଣ ପ୍ରବେଶ ଉପରେ ରୋକ ଲଗାଇଛନ୍ତି ଉଭୟ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୋଲିସ।

- ମନ୍ଦିର ପ୍ରଶାସନ, ପୋଲିସ ପକ୍ଷରୁ ଲଟ୍କା ଜାରି
- ଆଇନ ଭାଙ୍ଗିଲେ ହେବ କାର୍ଯ୍ୟାନୁଷ୍ଠାନ



ପୀଠରେ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ।

ଏହି ଆଇନକୁ କୌଣସି ବର୍ଗର ଲୋକେ ଅମାନ୍ୟ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରବିବାର ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନକୁ ମନ୍ଦିର ପ୍ରଶାସନ ଓ ପୋଲିସ ପକ୍ଷରୁ ଲଟ୍କା ଜାରି କରାଯାଇଛି। ଏହାସହିତ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସ୍ଥାନରେ ସଚେତନତା ଫଳକ ଲଗାଯାଇ ପର୍ଯ୍ୟଟକଙ୍କୁ ସୂଚନା ଦିଆଯାଇଛି।

ରବିବାର ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ଓ ମନ୍ଦିର ଟ୍ରଷ୍ଟର ସହପରିଚାଳକ ସୁଧାକର ବିଶ୍ୱାଳ ମିଳିତ ଭାବେ ମନ୍ଦିର ପରିସର ଏବଂ ପୀଠରେ ଥିବା ସମସ୍ତ ବ୍ୟବସାୟୀଙ୍କୁ ଭେଟିଥିଲେ। ସୋମବାରଠାରୁ ପଲିଥିନ ବ୍ୟବହାର ନ କରିବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଦୋକାନ ସାମ୍ନା ଓ ବଜାର ମଧ୍ୟରେ ଅଳିଆ ଆବର୍ଜନା ନ ପକାଇବା ପାଇଁ ତାଗିଦ୍ କରିବା ସହିତ ଧାମରା ବନ୍ଦର ଆଦାନୀ ପକ୍ଷରୁ ମିଳିଥିବା ଡଷ୍ଟବିନ ବ୍ୟବହାର କରିବାକୁ ସମସ୍ତଙ୍କୁ ସଚେତନ କରାଇଥିଲେ। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇଙ୍କ କହିବା ଅନୁଯାୟୀ ପୀଠରେ ପଲିଥିନମୁକ୍ତ କରିବା ଲାଗି ଟ୍ରଷ୍ଟି ତଥା ଉପଜିଲାପାଳଙ୍କ ପରାମର୍ଶ କ୍ରମେ ଏପରି ପଦକ୍ଷପ ହାତକୁ ନିଆଯାଇଛି। ପର୍ଯ୍ୟାୟକ୍ରମେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଚେତନତା କରାଯିବ ବୋଲି ପରିଚାଳକ ପଲାଇ କହିଥିଲେ। ଅନ୍ୟପକ୍ଷେ ପୂର୍ବରୁ କୌଣସି ସୂଚନା ଦିଆ ନ ଯାଇ ହଠାତ୍ ଏପରି ନିଷ୍ପତ୍ତି ନିଆଯିବା ଦ୍ୱାରା ବହୁ ବ୍ୟବସାୟୀ ହଇରାଣ ହେବେ ବୋଲି କେତେକ ବ୍ୟବସାୟୀ ମତପ୍ରକାଶ କରିଛନ୍ତି।

## ରାଜପଥ ପାର୍ଶ୍ୱ ହୋଟେଲରେ ଚଢ଼ାଉ

**ଜଳେଶ୍ୱର, ୨୪।୧୧ (ଡି.ଏନ.ଏ.):** ଜଳେଶ୍ୱର ନିକଟ ଦେଇ ଯାଇଥିବା ୬୦ନଂ. ଜାତୀୟ ରାଜପଥର ପାର୍ଶ୍ୱରେ ଥିବା ବିଭିନ୍ନ ହୋଟେଲରେ ଦେହ ବ୍ୟବସାୟ ଚାଲିଥିବା ଖବରପାଇ ରବିବାର ସକାଳେ ପୋଲିସ ଚଢାଉ କରିଥିଲା। ହୋଟେଲ ମାଲିକମାନେ ପୂର୍ବରୁ ଏ ସମ୍ପର୍କରେ ଜାଣିପାରି ସତର୍କ ହୋଇଯାଇଥିଲେ। ଫଳରେ ପୋଲିସ କୌଣସି ସୁରାଗ ନ ପାଇ ଖାଲି ହାତରେ ଫେରିବାକୁ ପଡିଥିଲା। ଏହାପରେ ଜଳେଶ୍ୱର-ସୁନାକଣିଆ ରାସ୍ତାର ଚନ୍ଦନା ନିକଟରେ ପୋଲିସ ଚଳାଚଳ କରୁଥିବା ଯାନବାହନଗୁଡ଼ିକୁ ଅଟକାଇ ଯାଞ୍ଚ କରିଥିଲା।

## କାର୍ ଧକ୍କାରେ ଝିଅ ମୃତ, ମା’ଗୁରୁତର

**ପାଟଣା,୨୪।୧୧(ସ୍ୱ.ପ୍ର.):** ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ବାଉଁଶୂଳୀ ଛକ ନିକଟରେ ଶନିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ୮ ବର୍ଷର ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା’ ଗୁରୁତର ହୋଇଛନ୍ତି। ମୃତ ନାବାଳିକା ହେଉଛନ୍ତି ବାରିଆ ଥାନା କାଉଁରିକଳା ଗ୍ରାମର ଗ୍ରୀଷ୍ମି ରାଣୀ ପାତ୍ର। ଗୁରୁତର ହୋଇଥିବା ମା’ ହେଉଛନ୍ତି ମଞ୍ଜୁ ପାତ୍ର(୩୫)। ସୂଚନା ଅନୁଯାୟୀ ବାରିଆ ଥାନା କାଉଁରିକଳା ଗ୍ରାମର ଉକ୍ତ ମା’ ଝିଅ ମାମୁ ସଞ୍ଜୟ କୁମାର ପାତ୍ରଙ୍କ ସହ ବାଇକ ଯୋଗେ କେନ୍ଦୁଝର ନେଲୁଙ୍ଗୁ ଗ୍ରାମରୁ ଫେରୁଥିବା ବେଳେ ସମ୍ମୁଖ ପାର୍ଶ୍ୱରୁ ତାଙ୍କୁ ଏକ କାର୍ ଧକ୍କା ଦେଇଥିଲା। ଗୁରୁତର ହୋଇଥିବା ନାବାଳିକା ଗ୍ରୀଷ୍ମି ଓ ମଞ୍ଜୁଙ୍କୁ କାର ଚାଳକ ନେଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଗ୍ରୀଷ୍ମିଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ଗ୍ରୀଷ୍ମି ଙ୍କ ମୃତଦେହ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କାର୍ ଚାଳକ ଫେରାର ଥିବା ଥାନାଧିକାରୀ ବାରେନ୍ଦ୍ର ଶିଆଳ କହିଛନ୍ତି।

## ଟଙ୍କା ଭର୍ତ୍ତି ମନିପର୍ସ ଫେରାଇଲେ ବସ୍ କଣ୍ଡକ୍ଟର

**ଚମ୍ପୁଆ, ୨୪।୧୧ (ଡି.ଏନ.ଏ.):** ଏବେ ବି ସମାଜରେ ଲୋକଙ୍କ ମଧ୍ୟରେ ମଣିଷ ପଣିଆ ବଞ୍ଚି ରହିଛି। ଯାହାର ଉଦାହରଣ ପାଲଟିଛନ୍ତି ବସ କଣ୍ଡକ୍ଟର ପ୍ରଶାନ୍ତ ସେନାପତି। ସୂଚନା ଅନୁସାରେ ରାଇରଙ୍ଗପୁରରୁ ବଲାଣୀ ଆସୁଥିବା ନନ୍ଦ ବସ୍ର କଣ୍ଡକ୍ଟର ମଉଦି ନିକଟରେ ରାସ୍ତା ଉପରେ ଏକ ପର୍ସ ପଡ଼ିଥିବା ଦେଖିବାକୁ ପାଇଥିଲେ। ଗାଡିରୁ ଓହ୍ଲାଇ ପର୍ସଟିକୁ ଉଠାଇବା ପରେ ପର୍ସ ମଧ୍ୟରେ ୨୦ ହଜାର ଟଙ୍କା, ୨ଟି ଏଟିଏମ କାର୍ଡ ଓ ଏକ ଡ୍ରାଇଭିଂ ଲାଇସେନ୍ସ ରହିଥିବା ଦେଖିବାକୁ ପାଇଥିଲେ। କିଛି ସମୟ ଅପେକ୍ଷା କରିଥିଲେ ମଧ୍ୟ କୌଣସି ଲୋକ ଉକ୍ତ ଟଙ୍କା ଭର୍ତ୍ତି ମନିପର୍ସ ପାଇଁ ଦାବି ନ କରିବାରୁ କଣ୍ଡକ୍ଟର ଜଣକ ପର୍ସଟିକୁ ଆଣି ଚମ୍ପୁଆରେ ବସ ମାଲିକଙ୍କୁ ହସ୍ତାନ୍ତର କରିଥିଲେ। ବସ ମାଲିକ ପର୍ସ ମଧ୍ୟରେ ଥିବା ପରିଚୟପତ୍ର ମାଧ୍ୟମରେ ପର୍ସ ହଜାଇଥିବା ବ୍ୟକ୍ତିଙ୍କୁ ଠାବ କରିବା ସହିତ ଚମ୍ପୁଆ ଆସି ମନିପର୍ସ ନେଇଯିବା ପାଇଁ ଅନୁରୋଧ କରିଥିଲେ। ରବିବାର ସକାଳ ୧୧ଟା ସମୟରେ ବସ ମାଲିକ ଚମ୍ପୁଆ ବସଷ୍ଟାଣ୍ଡଠାରେ ମନିପର୍ସର ମାଲିକ ମନୋରଞ୍ଜନ ଦଳପତି ରାୟଙ୍କୁ ତାଙ୍କ ମନିପର୍ସ, ଏଟିଏମ କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ହସ୍ତାନ୍ତର କରିଥିଲେ। ସୂଚନା ଯୋଗ୍ୟ, ମନୋରଞ୍ଜନ ବାଦାମ ପାହାଡରୁ କେସନା ଆସୁଥିବା ବେଳେ ପର୍ସଟି ବାଟରେ ହଜିଯାଇଥିଲା।



ବସ ମାଲିକଙ୍କୁ କଣ୍ଡକ୍ଟର ହସ୍ତାନ୍ତର କରୁଥିବା ମନିପର୍ସ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ: ୩ ଗିରଫ

**ଯୋଡ଼ା, ୨୪।୧୧ (ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ଥାନା ତଥା ସହରର ୭ନଂ ଓାର୍ଡସ୍ଥିତ କମାରଯୋଡାଠାରେ ରହୁଥିବା ରଞ୍ଜିତ ପାତ୍ର ନାମକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଶନିବାର ସନ୍ଧ୍ୟାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସଠାରୁ ମିଳିଥିବା ସୂଚନାନୁଯାୟୀ, ଅଭିଯୁକ୍ତ ୩ ଜଣ ହେଲେ କମାର ଯୋଡା ହୁଡି ସାହିର ରାଜେଶ ଗୋପ୍, ସାବାଙ୍ଗ ଲୋହାର, ଅମିତ ଲୋହାର । ସୂଚନାଯୋଗ୍ୟ କି, ଗତ ୨୧ ତାରିଖ ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ ୩ ଅଭିଯୁକ୍ତ ରଞ୍ଜିତଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଫଳରେ ରଞ୍ଜିତ ପାତ୍ର ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଯାଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା।

## ମାତୃ କର୍ମଶାଳା

**ବାହାନଗା, ୨୪।୧୧ (ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଜାଗେଶ୍ୱରପଦାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମାତୃ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଛି । ଏଥିରେ ପ୍ରାରମ୍ଭ ଓ ବୋଧ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମା’ମାନଙ୍କୁ ନେଇ କର୍ମଶାଳା ହୋଇଥିଲା । ଅନନ୍ତପୁର ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଖଗେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଶିକ୍ଷା ଓ ସଂସ୍କାର ଦେବାରେ ମା’ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଣପୁର ଶିଶୁ ବାଟିକା ପ୍ରମୁଖ ଜ୍ୟୋସ୍ନାରାଣୀ ବେହେରା ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ମା’ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ‘ଛାତ୍ର ଜୀବନରେ ଏକତା, ଶୃଙ୍ଖଳା ଜରୁରୀ’



ଏନ୍ସିସି ଦିବସ ପାଳନ ଅବସରରେ ଅତିଥିମାନଙ୍କ ସହ କ୍ୟାଡେଟ୍।

**ଜଳେଶ୍ୱର, ୨୪।୧୧ (ଡି.ଏନ.ଏ.):** ଜଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ସର୍ବଭାରତୀୟ ସ୍ତରରେ ଜାତୀୟ ଏନ୍ସିସି ଦିବସ ପାଳନ କରାଯାଇଛି। ସମସ୍ତ ଏନ୍ସିସି କ୍ୟାଡେଟଙ୍କ ଦ୍ୱାରା ସମୂହ ପରେଡ୍ ସିଟିଓ ସିଦ୍ଧେଶ୍ୱର ଦାସ ଓ ପ୍ରାକ୍ତନ ସିଟିଓ ହରେକୃଷ୍ଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଜଳେଶ୍ୱର ଆଇଆଇସି ପ୍ରଦୀପ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିବା ସହ ଏନ୍ସିସି ପତାକା ଉତ୍ତୋଳନ କରି କ୍ୟାଡେଟ୍ମାନଙ୍କୁ ଏନ୍ସିସି ଦିବସ ଉଦ୍ଦେଶ୍ୟରେ ସମ୍ବୋଧିତ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୁଦର୍ଶନ ପ୍ରଧାନ, ଶିବନାରାୟଣ ମହାପାତ୍ର ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଶଶିକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଭଦ୍ରକସ୍ଥିତ ଓଡିଶା ବିଏନ୍ଏନ୍ସିସି ମୁଖ୍ୟ ତପନ ପାଳ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ତଥା ପରିଚାଳନା କମିଟି ସଦସ୍ୟ କମଳ ଚକ୍ରବର୍ତ୍ତୀ, ଅଶୋକ ଦାସ, ପୂର୍ବତନ ସଂସ୍କୃତ ଶିକ୍ଷକ ପଣ୍ଡିତ ଗିରିଶ ଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୂୟାଁ, ଶିକ୍ଷକ ଶ୍ରୀକାନ୍ତ ଦାସ, ବିଦ୍ୟାଳୟର ଶିକ୍ଷକ ତଥା ପୂର୍ବତନ ଏନ୍ସିସି ଶିକ୍ଷକ ହରେକୃଷ୍ଣ ଜେନା ପ୍ରମୁଖ ଯୋଗଦେଇ ଏନ୍ସିସି ଦ୍ୱାରା ଜାତୀୟତାବୋଧ କିପରି ବଢେ ସେ ବିଷୟରେ ଉଦ୍ବୋଧନ ଦେଇଥିଲେ। ଏକତା ଓ ଶୃଙ୍ଖଳା ଛାତ୍ର ଜୀବନରେ ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶେଷରେ କ୍ୟାଡେଟ୍ମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏନ୍ସିସି ଶିକ୍ଷକ ସିଦ୍ଧେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଜରିଆରେ ସଫେଇ ଓ ବୃକ୍ଷରୋପଣ କରାଯାଇଥିଲା। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ଯୋଡ଼ା, ୨୪।୧୧ (ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ନମିରା ଗ୍ରାମ ନିକଟସ୍ଥ ରେଳ ଲାଇନରେ ଯାଉଥିବା ଏକ ଟ୍ରେନ ଆଗକୁ ଡେଇଁ ଶନିବାର ଅପରାହ୍ନ ଜଣେ ବିଦୁ ମୁଣ୍ଡା(୩୦) ନାମକ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ କରୁଛି। ଥାନା ଭାରପ୍ରାପ୍ତ ଅଧିକାରୀ ପରେଶ କୁମାର ମହାନ୍ତି ଏହି ସୂଚନା ଦେଇ କହିଛନ୍ତି, ନମିରା ଗ୍ରାମ ମୁଣ୍ଡା ସାହିର ଯୁବକ ବିଦୁ ଟ୍ରେନ ଆଗକୁ ଡେଇଁପଡିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ତାଙ୍କୁ ଅଟକାଇଥିଲେ। ପରବର୍ତ୍ତୀ ସମୟରେ ସେ ଟ୍ରେନ୍ ଆଗକୁ ଡେଇଁ ପଡିଥିଲେ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବାମେବାରୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆତ୍ମହତ୍ୟାର କାରଣ ଜାଣିବା ଲାଗି ତଦନ୍ତ ଜାରି ରଖିଛି।

### ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସରେ ଅସୁବିଧା

## ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ନାଗରିକ ମଞ୍ଚ

**କେନ୍ଦୁଝର, ୨୪।୧୧(ଡି.ଏନ.ଏ.)**

କେନ୍ଦୁଝର ସହର ଉପକଣ୍ଠସ୍ଥିତ ସୁଲେଇଖମାରଠାରେ ପ୍ରତିଷ୍ଠାଲାଭ କରିଥିବା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ଲାଗି ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱ ବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ହସ୍ତକ୍ଷେପ କରିବା ପାଇଁ କେନ୍ଦୁଝର ନାଗରିକ ମଞ୍ଚ ପତ୍ର ମାଧ୍ୟମରେ ଅନୁରୋଧ କରିଛି। କେନ୍ଦୁଝର ନାଗରିକ ମଞ୍ଚର ସଭାପତି ଅବସରପ୍ରାପ୍ତ ଉଇଙ୍ଗ କମାଣ୍ଡର କିରଣ ଶଙ୍କର ସାହୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିବା ସହ ଏହି ଶାଖା ବିଶ୍ୱବିଦ୍ୟାଳୟ ପ୍ରତି ହୋଇଥିବା ଅନ୍ୟାୟ ସମ୍ପର୍କରେ ପତ୍ର ଲେଖିଥିବା ଜଣାପଡିଛି। ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ କେନ୍ଦୁଝରଠାରେ ୨୦୧୭ରୁ ସ୍ଥାପିତ ହୋଇଥିଲେ ମଧ୍ୟ ଏହାର ଭିତ୍ତିଭୂମିର ଉନ୍ନତି ହୋଇ ପାରିନାହିଁ। ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାରୁ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ତୁରନ୍ତ ଏହିସବୁ ଦିଗ ପ୍ରତି ହସ୍ତକ୍ଷେପ କରି ରାଜ୍ୟପାଳ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦୁଝର ନାଗରିକ ମଞ୍ଚ ଦାବି କରିଛି।

## ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ ସଙ୍ଗଠକଙ୍କ ପରଲୋକ

**ରେମୁଣା, ୨୪।୧୧(ଡି.ଏନ.ଏ.)**

**ପରିବାରକୁ ସମବେଦନା ଜଣାଇଲେ କେନ୍ଦ୍ରମନ୍ତ୍ରୀ**

ବାଲେଶ୍ୱର ଜିଲା ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ ସଙ୍ଗଠକ ତଥା ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାକୁ ନେଇ ଗଠିତ ବିଭାଗର ବିଭାଗ ସମ୍ପାଦକ କେଶବ ଚରଣ ନାୟକଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି । ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ମୂତ୍ରାଶୟ ରୋଗରେ ପୀଡିତ ହୋଇ ସେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକ ଖବର ପାଇ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ସମ୍ପାଦକ ସୁଧାଂଶୁ ମୋହନ ପଟ୍ଟନାୟକଙ୍କ ସମେତ ବହୁ ନେତୃବୃନ୍ଦ କଟକ ବଡ଼ ମେଡିକାଲରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ନାୟକଙ୍କ ମରଶରୀର ତାଙ୍କ ବାସସ୍ଥାନ ରେମୁଣା ବ୍ଲକ ଚଷାଖଣ୍ଡ ପଞ୍ଚାୟତର ଅନନ୍ତପୁର ଗାଁକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ପରିଷଦର କ୍ଷେତ୍ରୀୟ ସହ ସମ୍ପାଦକ ଗୌରୀପ୍ରସାଦ ରଥ, ବାଲେଶ୍ୱର ଜିଲା ସମ୍ପାଦକ ସଞ୍ଜୟ ମହାପାତ୍ର, ଜିଲା ସହ ସମ୍ପାଦକ ଡାକ୍ତର ଜିତେନ୍ଦ୍ର ମହାରଣା, ଜିଲା ଉପଦେଷ୍ଟା ସୁଧାକର ପାଢ଼ୀ, ଜିଲା ସେବା ପ୍ରମୁଖ ରଜନୀ ଶତପଥୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶନିବାର ବାଲେଶ୍ୱର ଏମ୍ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନାରୀନେତ୍ରୀ ଶୋଭନା ମହାନ୍ତି ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। କେଶବଙ୍କ ସହ ଷଡ଼ଙ୍ଗୀ କଟେଇ ଥିବା ସମୟର ସ୍ମୃତିକୁ ମନେ ପକାଇ କାନ୍ଦି ପକାଇଥିଲେ। କେଶବଙ୍କ ପରଲୋକରେ ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ମନ୍ଦିର ଗାତ୍ରରେ ଆଧ୍ୟାତ୍ମିକ ଚେତନାର ଛବି

**ଭଦ୍ରକ ଅଫିସ, ୨୪।୧୧**

ଲୌକିକ ପରମ୍ପରା ଓ ବିଶ୍ୱାସକୁ ନେଇ ଭଦ୍ରକ ସହରରେ ଗଢ଼ି ଉଠିଛି ବାବା ଲୋକନାଥଙ୍କ ମନ୍ଦିର। ସହର ମଧ୍ୟଭାଗସ୍ଥିତ ଓଟି ମାର୍କେଟ୍ଠାରେ ଥିବା ଏହି ଭବ୍ୟ ମନ୍ଦିର ୧୯୪୨ରେ ପ୍ରତିଷ୍ଠିତ ହୋଇଥିବା କୁହାଯାଏ। ହେଲେ ଲୋକନାଥ ବାବାଙ୍କ ଲୌକିକ ପରମ୍ପରାରେ ପୂଜାର୍ଚ୍ଚନା, ଜନଶ୍ରୁତି ଓ ଲୋକ ବିଶ୍ୱାସ ଏହି ଶୈବପୀଠର ଭିନ୍ନ ବିଶେଷତ୍ୱ ବହନ କରିଛି। ମନ୍ଦିରର ନିର୍ମାଣଶୈଳୀ ଓ କାରୁକାର୍ଯ୍ୟ ଆଧ୍ୟାତ୍ମିକ ଚେତନାର ପ୍ରତୀକ ଭାବେ ଉଭା ହୋଇଛି। ଦୈନିକ ପୂଜାନୀତି ସାଙ୍ଗକୁ ମଧ୍ୟାହ୍ନରେ ମିଳୁଥିବା ଅନ୍ନପ୍ରସାଦ ଭକ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରତି ସନ୍ଧ୍ୟାରେ ଭାଗବତ ଚର୍ଚ୍ଚା ଓ ଭଜନ କୀର୍ତ୍ତନ ଭକ୍ତଙ୍କୁ ଆଧ୍ୟାତ୍ମିକ ଚେତନାର ବାର୍ତ୍ତା ଦେଇଆସୁଛି।

ବିଭିନ୍ନ ପର୍ବପର୍ବାଣି ବ୍ୟତୀତ ଖାଲିଦିନରେ ମଧ୍ୟ ଏଠି ଭକ୍ତଙ୍କ ଭିଡ଼ ଜମେ। ଏହାର ସିଂହଦ୍ୱାର ଏକ ଭିନ୍ନ ଆକର୍ଷଣ। ଏଣୁ ସବୁ ଶିବ ମନ୍ଦିରଠାରୁ ଏହା ନିଆରା ଲାଗେ। ସିଂହଦ୍ୱାରରେ ଜଣେ ମଣିଷ ତଳେ ପଡ଼ିଥିବାବେଳେ ତାଙ୍କ ଉପରେ ଏକ ହାତୀ ରହିଥିବା ଓ ହାତୀ ଉପରେ ଏକ ସିଂହର କଳାକୃତି ଦେଖିବାକୁ ମିଳେ। ଗର୍ବ ଓ ଅହଙ୍କାର ପରିତ୍ୟାଗ କରି ମନ୍ଦିର ଭିତରକୁ ପ୍ରବେଶ କରିବା ଲାଗି ଏହି କଳାକୃତି ସତେ ଯେମିତି ବାର୍ତ୍ତା ଦେଇଥାଏ। ଏହାବାଦ୍ ମନ୍ଦିର ପରିସରରେ ୮ ପ୍ରକାରର ଗଣେଶ ପୂଜା ପାଆନ୍ତି, ଯାହାକି ବାସ୍ତୁବିଦ୍ୟାର ପ୍ରତୀକ। ସେହିପରି ବୃଷଭଙ୍କ ସହ ମା’ ପାର୍ବତୀ, ଗଣେଶ, ନାରାୟଣ ଶାଳଗ୍ରାମ, କୃଷ୍ଣମୂର୍ତ୍ତି, ରାମମୂର୍ତ୍ତି, ଲକ୍ଷ୍ମୀନାରାୟଣ ମୂର୍ତ୍ତି, କାର୍ତ୍ତିକଙ୍କ ସମେତ ନବଗ୍ରହ ମୂର୍ତ୍ତି ପୂଜା ପାଉଛନ୍ତି। ମନ୍ଦିରର କାରୁକାର୍ଯ୍ୟ ମଧ୍ୟରେ ଚତୁର୍ବେଦର ଗୁରୁଙ୍କ ମୂର୍ତ୍ତି ସାଙ୍ଗକୁ ଦଶ ଅବତାର ଓ ବିଭିନ୍ନ ରାଜରାଜୁଡ଼ାଙ୍କ ମୂର୍ତ୍ତି ରହିଛି।

୧୨ ମାସରେ ୨୪ ପର୍ବ ପାଳନ ଏହି ମନ୍ଦିରର ଅନ୍ୟତମ ଆକର୍ଷଣ। ସରସ୍ୱତୀ ପୂଜାଠାରୁ ଆରମ୍ଭ କରି ଅଗିରା ପୂର୍ଣ୍ଣିମା, ଜାଗର, ଦୋଳପୂର୍ଣ୍ଣିମା, ଶ୍ରୀରାମ ନବମୀ, ପଣା ସଂକ୍ରାନ୍ତି, ସାବିତ୍ରୀ ବ୍ରତ, ଶୀତଳଷଷ୍ଠୀ, ଶ୍ରାବଣ ମାସରେ କାଉଡ଼ିଆ, ଧନୁସଂକ୍ରାନ୍ତି, ରାଖୀପୂର୍ଣ୍ଣିମା, ଝୁଲଣଯାତ୍ରା, ବିଶ୍ୱକର୍ମା ପୂଜା, ଗଣେଶ ପୂଜା, ମହାଷ୍ଟମୀ ଓ ଦୁର୍ଗାପୂଜା, କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଓ ପୂର୍ଣ୍ଣିମା, ଭାଗବତ ସପ୍ତାହ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥାଏ। ପୂର୍ବରୁ ପ୍ରହ୍ଲାଦ ପାଣି ଓରଫ୍ ବାବାଜୀ ନନା ମୁଖ୍ୟ ପୂଜକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଦେହାନ୍ତ ହେବା ପରେ ପୁଅ ବିଜୟ ପାଣି, ଅଜୟ ପାଣି ଓ ସଞ୍ଜୟ ପାଣି ପୂଜାନୀତି କାର୍ଯ୍ୟ ସମ୍ଭାଳୁଛନ୍ତି। ଗତ କାର୍ତ୍ତିକ ମାସରେ ଚିନ୍ତା ଚେତନା ଆଧ୍ୟାତ୍ମିକ ପରିଷଦ ତରଫରୁ ଭାଗବତ ସପ୍ତାହ ଓ ଶ୍ରୀରାମ ନବମୀ ପାରାୟଣ ଆଦି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମନ୍ଦିର ପରିସରକୁ ଉତ୍ସବମୁଖର ରଖିଥିଲା। ବାବା ଲୋକନାଥଙ୍କ ବଡ଼ସିଂହାର ବେଶ ଦର୍ଶନ କଲେ ମାନସିକ ପୂର୍ଣ୍ଣ ହୁଏ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି। ଏହି ବେଶରେ ବାବାଙ୍କୁ ବିଭିନ୍ନ ରତ୍ନ ଅଳଙ୍କାରରେ ସଜ୍ଜିତ କରାଯାଇଥାଏ। ଏହି ପୀଠରେ କୌଣସି ସାମଗ୍ରୀ ହଜିଲେ ଅଳ୍ପ ସମୟ ମଧ୍ୟରେ ମିଳିଯାଏ ବୋଲି କୁହାଯାଏ।



ମନ୍ଦିରରେ ଅନୁପମ କାରୁକାର୍ଯ୍ୟ ଓ ବିଗ୍ରହ।

**ବିଶ୍ୱାସ ଓ ଲୌକିକ ପରମ୍ପରାରେ ବନ୍ଧା ବାବା ଲୋକନାଥ**

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ନଭେମ୍ବର ୨୫/୨୦୧୯ Balasore, Monday, November 25/2019

# ଦୂଷିତ ପାଣି ପିଇ ୨୩ ଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ

ତେଲକୋଇ, ୨୪।୧୧(ଡି.ଏନ.ଏ.)

- ରାଣୀବେଢ଼ା ଉଚ୍ଚ ବିଦ୍ୟାଳୟ ଛାତ୍ରାବାସ
- ତେଲକୋଇ ଚିକିତ୍ସାଳୟରେ ଅସୁସ୍ଥ ଛାତ୍ରଙ୍କୁ ଚିକିତ୍ସା
- ସୁସ୍ଥ ହୋଇ ଫେରିଲେ ୧୮, ଚିକିତ୍ସାଧୀନ ୫

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତ ଅଧୀନ ରାଣୀବେଢା ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ ପାନୀୟଜଳ ଦୂଷିତ ହେବା କାରଣରୁ ୨୩ ଛାତ୍ର ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ପଡିଛନ୍ତି। ରବିବାର ଅପରାହ୍ନରେ ସେମାନଙ୍କୁ ଦୁଇଟି ୧୦୮ ଆମ୍ବୁଲାନ୍ସ ଯୋଗେ ଅଣାଯାଇ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ସୁସ୍ଥ ହେବାରୁ ୧୮ଜଣଙ୍କୁ ପରେ ଛାଡି ଦିଆଯାଇଛି। ୫ଜଣ ଚିକିତ୍ସାଧୀନ ଅଛନ୍ତି। ପାନୀୟ ଜଳ ଜନିତ ସଂକ୍ରମଣ ଯୋଗୁ ଛାତ୍ରଙ୍କ ପେଟ ଦରଜ ହେବା ସହ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଥାଇପାରନ୍ତି ବୋଲି ସେମାନଙ୍କୁ ଚିକିତ୍ସା କରିଥିବା ଡାକ୍ତର ଡି ଆଚାର୍ଯ୍ୟ କହିଛନ୍ତି।

ଉଲ୍ଲେଖନୀୟ ଯେ, ତେଲକୋଇଠାରୁ ୩୫ କି.ମି. ଦୂରରେ ଥିବା ଏହି ଛାତ୍ରାବାସ ଜିଲା ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହେଉଛି। ସେଠାକାର ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବା ଛାତ୍ରଙ୍କ ମଧ୍ୟରୁ ୫୧ ଜଣ ଛାତ୍ରାବାସରେ ରହୁଛନ୍ତି। ଡାକ୍ତରଖାନାକୁ ଚିକିତ୍ସିତ ହେବାକୁ ଆସିଥିବା ଅସୁସ୍ଥ ଛାତ୍ରଙ୍କ କହିବାନୁଯାୟୀ ୨୦୧୭ ରେ ଛାତ୍ରାବାସ ପାଇଁ ବସୁଧା ଯୋଜନାରେ ଏକ ଓଭରହେଡ ଟାଙ୍କି ନିର୍ମାଣ କରାଯାଇଥିଲା । ଦୁଇ ମାସ ହେବ ଏହା ଅଚଳ ହୋଇ ପଡିଥିଲା । ପରେ ଏହାକୁ ସଚଳ କରାଯାଇ ଅନ୍ତେବାସୀଙ୍କୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ଟାଙ୍କି ସଫା କରାଯିବା ବେଳେ ଏହା ଆଭ୍ୟନ୍ତର ଅପରିଷ୍କାର ହୋଇ ପଡିଥିବାରୁ ପାନୀୟଜଳ ଦୂଷିତ ହୋଇଥିବା ସନ୍ଦେହ କରାଯାଉଛି। ଛାତ୍ରଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନା ଆଣିଥିବା ଶିକ୍ଷକ ମତ୍ୟୁଞ୍ଜୟ ଦାଶଙ୍କୁ ପଚାରିବାରୁ କହିଛନ୍ତି, ପାନୀୟଜଳ ସମସ୍ୟା ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାଇ ପାରେ । ଚିକିତ୍ସା ପରେ ୧୮ ଜଣ ଛାତ୍ରଙ୍କୁ ଫେରାଇ ନିଆଯାଇଛି । ଛାତ୍ରାବାସରେ ୫ ଛାତ୍ର ଘରକୁ ଚାଲି ଯାଇଥିବାରୁ ଏବେ ସେଠାରେ ୪୬ ଜଣ ରହୁଥିଲେ। ଶନିବାର ସେମାନେ ଝାଡାବାନ୍ତିରେ ଆକ୍ରାନ୍ତ ହେବା ପରେ ଫାଷ୍ଟ ଏଡ ବ୍ୟବସ୍ଥାରେ ଔଷଧ ଦିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ସେମାନଙ୍କୁ ଡାକ୍ତରଖାନା ଅଣାଯାଇଥିଲା। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ କେ.ମିଶ୍ରଙ୍କୁ ପଚାରିବାରୁ କହିଲେ, ଘଟଣା ନେଇ ସେ ସୂଚନା ପାଇଛନ୍ତି। ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ।


ଅସୁସ୍ଥ ଛାତ୍ରଙ୍କୁ ଚିକିତ୍ସାଳୟ ଅଣାଯାଇଛି।

# ପୁଣି କୋଇଲା ଚୋର ସକ୍ରିୟ

## ୨୦ କୁଇଣ୍ଟାଲ ଜବତ: ଜଣେ ଗିରଫ


ଜବତ ଗାଡ଼ି।

ଚାନ୍ଦବାଲି, ୨୪।୧୧ (ଡି.ଏନ.ଏ.) – ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ପୁଣି କୋଇଲା ଚୋର ସକ୍ରିୟ ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଚାନ୍ଦବାଲି ପୋଲିସ ହାତରେ ଚୋରା କୋଇଲା ବୋଝେଇ ଏକ ପିକ୍‌ଅପ ଗାଡ଼ି ଧରାପଡ଼ିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଚାନ୍ଦବାଲି ସହର ଉପକଣ୍ଠ ସିମୁଳିଆ ତାରିଣୀ ଛକ ନିକଟରୁ ଉକ୍ତ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଏ ନେଇ ଚାନ୍ଦବାଲି ଥାନାରେ ଏକ ମାମଲା(ନଂ.୨୯୫/୧୯) ରୁଜୁ ହୋଇଛି। ଜବତ ଗାଡ଼ିରେ ପ୍ରାୟ ୨୦ କୁଇଣ୍ଟାଲ ଚୋରା କୋଇଲା ଥିବା ପୋଲିସ ସୂଚନା ଦେଇଛି। ସୂଚନାଥାଉ କି, ଭଦ୍ରକ-ଧାମରା ରେଳପଥ କଡ଼ରେ କେତେକ ସ୍ଥାନରେ ଚଳନ୍ତା ଟ୍ରେନରୁ କୋଇଲା ଚୋରି କରି ବିଭିନ୍ନ ସ୍ଥାନରେ ବିକ୍ରି କରାଯାଉଛି। ଉଭୟ ଜଳ ଓ ସ୍ଥଳପଥରେ ଏହି କୋଇଲା ପଡ଼ୋଶୀ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାକୁ ପରିବହନ ହେଉଛି। ଏହି କୋଇଲା ମୁଖ୍ୟତଃ ଇଟାଭାଟିରେ ଜାଳେଣି ଭାବେ ବ୍ୟବହାର କରାଯାଇଥାଏ। କେତେକ ଇଟାଭାଟି ମାଲିକ ଏଥିପାଇଁ ଆଗୁଆ ଚୋରା କୋଇଲା ଗଚ୍ଛିତ କରି ରଖୁଥିବା ଜଣାପଡ଼ିଛି।

# ମୃତଦେହ ଉଦ୍ଧାର କରି ହତ୍ୟା ମାମଲା ରୁଜୁ କଲା ପୋଲିସ

## ମଦଭାଟିରେ ଗଣ୍ଡଗୋଳରୁ ହତ୍ୟା ଘଟିଥିବା ସନ୍ଦେହ

ଝୁମ୍ପୁରା, ୨୪।୧୧ (ଡି.ଏନ.ଏ.)–କେନ୍ଦୁଝର ଜିଲା ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ଜଣେ ବ୍ୟକ୍ତିଙ୍କର ଘରବାଡି ପଛ ପାଖରୁ ଝୁମ୍ପୁରା ପୋଲିସ ରବିବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ନାମ ଶୁକଲାଲ ମୁଣ୍ଡା (୪୦ବର୍ଷ)। ଘର ଦୁର୍ଗାପୁର ଗ୍ରାମରେ। ଶନିବାର ସନ୍ଧ୍ୟାରେ ଘଟିଥିବା ଏକ ମାରପିଟ ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ପୋଲିସ ଏ ନେଇ ୩୦୨ ଦଫାରେ ଏକ ହତ୍ୟା ମାମଲା ( ନଂ ୧୧୯/୨୦୧୯) ରୁଜୁ କରି ଅଭିଯୁକ୍ତ ବିରଞ୍ଚି ମୁଣ୍ଡା (୨୩)ଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଝୁମ୍ପୁରା ଥାନାଧିକାରୀ ବିରଞ୍ଚି ବାଗ ସୂଚନା ଦେଇଛନ୍ତି।

ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ ଶନିବାର ସନ୍ଧ୍ୟାବେଳେ ଏକ ସ୍ଥାନୀୟ ଦେଶୀ ମଦଭାଟିକୁ ଶୁକଲାଲ ଓ ବିରଞ୍ଚି ଯାଇଥିଲେ। କୌଣସି କାରଣରୁ ସେଠାରେ ଦୁହିଁଙ୍କ ମଧ୍ୟରେ ବଚସା ହୋଇ ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ଏହାପରେ ରବିବାର ସକାଳେ ଗ୍ରାମର ଜଣଙ୍କ ବାଡ଼ି ପଛପଟେ ଶୁକଲାଲଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ତଦନ୍ତ ପରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

# ବିଦ୍ୟାଳୟରେ ପଶି ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ, ଥାନାରେ ମାମଲା

ରେମୁଣା, ୨୪।୧୧(ଡି.ଏନ.ଏ.)–ବାଲେଶ୍ୱର ଜିଲା ରେମୁଣା ବ୍ଲକ ସଦର ଥାନା ଅଧୀନ ଗଣ୍ଡର୍ଦ୍ଧା ପଞ୍ଚାୟତର ଆମ୍ବୁଲକୁଡ଼ା ପ୍ରାଥମିକ ବିଦ୍ୟାଳୟରେ ପଶି ଜଣେ ଯୁବକ ଦୁଇଜଣ ଶିକ୍ଷା ସହାୟିକାଙ୍କୁ ଟଣାଓଟରା କରି ଅସଦାଚରଣ କରିଥିବା ଶନିବାର ହଳଦୀପଦା ଫାଣ୍ଡିରେ ଅଭିଯୋଗ ହୋଇଛି। ସଦର ଥାନା ପକ୍ଷରୁ ଏକ ମାମଲା(ନଂ.୩୮୫/୧୯) ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ଶିକ୍ଷାନୁଷ୍ଠାନରେ ପଶି ଶିକ୍ଷୟିତ୍ରୀଙ୍କ ପ୍ରତି ଅସଦାଚରଣ କରାଯିବା ଘଟଣାକୁ ରେମୁଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଏବଂ ଶିକ୍ଷକ ସମନ୍ୱୟ ସମିତି ନିନ୍ଦା କରିଛି। ଏହି ଘଟଣାରେ ତଦନ୍ତ କରି ପୋଲିସ ଓ ଶିକ୍ଷା ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ସଂଘ ଦାବି କରିଛି।

ଶନିବାର ଘଟିଥିବା ଅସଦାଚରଣ ଘଟଣା ସମ୍ପର୍କରେ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷୟିତ୍ରୀ ଫାଣ୍ଡିରେ ଅଭିଯୋଗ କରିବା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବରୁ ଅଭିଯୁକ୍ତ ଯୁବକ ଏହି ଶିକ୍ଷା ସହାୟିକାମାନଙ୍କୁ ରାସ୍ତାରେ ଦେଖି କମେଣ୍ଟ ମାରି ହଇରାଣ କରିଆସୁଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଏହାର ଆପୋସ ସମାଧାନ କରାଯାଇଥିଲା। ଶନିବାର ଅଭିଯୁକ୍ତ ଯୁବକ ବିଦ୍ୟାଳୟରେ ପଶି ଦୁଇ ଶିକ୍ଷୟିତ୍ରୀଙ୍କୁ ଟଣାଓଟରା କରିବାରୁ ସେମାନେ ଭୟରେ ଦୌଡ଼ି ପଳାଇଯାଇ ଗାଁ ଲୋକଙ୍କ ଶରଣ ପଶିଥିଲେ। ଏଭଳି ଘଟଣା ରେମୁଣା ବ୍ଲକର ଶିକ୍ଷକ ମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

# ଏଟିଏମ୍ ଭାଙ୍ଗିଲେ ଦୁର୍ବୃତ୍ତ

ରୂପ୍‌ସା,୨୪।୧୧(ଡି.ଏନ.ଏ.)–ବାଲେଶ୍ୱର ସଦର ବ୍ଲକ୍ ରୂପ୍‌ସା ଥାନା ଅଞ୍ଚଳରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍ କାଉଣ୍ଟରକୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଟିଏମ୍‌ର ଡିସ୍‌ପ୍ଲେକୁ ଭଙ୍ଗାଯାଇଥିଲେ ହେଁ କୌଣସି ଟଙ୍କା ଲୁଟ୍ ହୋଇ ନ ଥିବା ଜଣାପଡ଼ିଛି। ଏହି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି।

# ଅଭାବୀ ବିକ୍ରିର ଶିକାର ନଳିତା ଚାଷୀ

ବାଲିଆପାଳ, ୨୪।୧୧(ଡି.ଏନ.ଏ.)–ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଞ୍ଚଳରେ ନଳିତା ଚାଷ କରି ଜୀବିକା ନିର୍ବାହ କରୁଥିବା ଚାଷୀମାନେ ଏବେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ସରକାରୀ ସ୍ତରରେ ଝୋଟ ବିକ୍ରୟ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। କେତେକ ଚାଷୀ ଗୁଜରାଣ ମେଣ୍ଟାଇବା ପାଇଁ ବାହାର ଝୋଟ ବ୍ୟବସାୟୀଙ୍କୁ ଖୁବ କମ୍ ଦାମରେ ଉତ୍ପାଦିତ ଝୋଟକୁ ବିକ୍ରୟ କରିବାକୁ ବାଧ୍ୟ ହେଉଛନ୍ତି।

ସୁବର୍ଣ୍ଣରେଖା ନଦୀ ଅବବାହିକା ଅଞ୍ଚଳରେ ପ୍ରଚୁର ନଳିତା ଚାଷ ହୋଇଥାଏ । ଦୋରସା ପଟୁମାଟିରେ ଏହି ଚାଷ ଖୁବ୍ ଭଲ ହେଉଥିବାରୁ ପ୍ରାୟ ୭୦ଦଶକରୁ ଏ ଅଞ୍ଚଳର ଚାଷୀମାନେ ଏହି ଚାଷ କରି ଖୁବ୍ ଫାଇଦା ଉଠାଉଥିଲେ । ସରକାର ରିହାତି ବିହନ, ସାର, ଔଷଧ ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦେଉଥିଲେ । ଏହାକୁ ନଜରରେ ରଖି କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ବାଲିଆପାଳଠାରେ ଏକ ଝୋଟ କ୍ରୟକେନ୍ଦ୍ର ଖୋଲାଯାଇଥିଲା। କ୍ରୟ କେନ୍ଦ୍ର ଉଭୟ ପିତା ଓ ମିଠା ନଳିତା ଝୋଟ ଚାଷୀମାନଙ୍କଠାରୁ ଅଧିକ ଦାମ୍‌ରେ କିଣି ନେଉଥିଲେ । ମାତ୍ର ୧୦ବର୍ଷ ତଳେ କେନ୍ଦ୍ର ସରକାର ଏହି ଝୋଟ କ୍ରୟ କେନ୍ଦ୍ରକୁ ସରକାର ଉଠାଇ ନେଲେ। କିନ୍ତୁ ପୁରୁଷ ପୁରୁଷ ଧରି ଝୋଟ ଚାଷ କରି ଖୁବ ଫାଇଦା ଉଠାଉଥିବା ଚାଷୀମାନେ ଏବେ ବି ଝୋଟ ଚାଷ ଛାଡିପାରିନାହାନ୍ତି। ଚଳିତବର୍ଷ ଅନୁକୂଳ ପାଗ ଥିବାରୁ ନଳିତା ଚାଷ ଖୁବ୍ ଭଲ ହୋଇଥିଲା । ହେଲେ ବିକ୍ରି ସୁବିଧା ନ ଥିବାରୁ ଏବେ କୁଇଣ୍ଟାଲ କୁଇଣ୍ଟାଲ ଝୋଟ ବାହାର ବ୍ୟବସାୟୀମାନେ ଚାଷୀମାନଙ୍କଠାରୁ ସ୍ୱଳ୍ପ ଦାମରେ କିଣି କଲିକତା, ବିହାର, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟକୁ ବିକ୍ରୟ କରି ମାଲାମାଲ ହେଉଛନ୍ତି । ସରକାରଙ୍କ ପକ୍ଷରୁ ସେମାନଙ୍କ ଉପରେ କୌଣସି ଅଙ୍କୁଶ ନ ଥିବାରୁ ନିର୍ବିଘ୍ନରେ ଏହି କାରବାର ଜୋରସୋରରେ ଚାଲିଛି । ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହୋଇଛି ।














3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ